# କୃଷି କ୍ଷେତ୍ରରେ ଦେଶୀୟ ଜ୍ଞାନକୌଶଳର ବ୍ୟବହାର

**ଲେଖକ :**

**ଶ୍ରୀମତୀ ସୁପ୍ରଭା ସେଠୀ**

ବୈଜ୍ଞାନିକ (କୃଷି ସମ୍ପ୍ରସାରଣ)

**ବିଷୟ ବସ୍ତୁ :**

**ଶ୍ରୀ ତ୍ରିନାଥ ଖଣ୍ଡାଇତରାୟ**

**ଡ. ସତ୍ୟବ୍ରତ ମଙ୍ଗରାଜ**

**ଶ୍ରୀମତୀ ପ୍ରିୟମ୍ବଦା ଲୋପାମୁଦ୍ରା ରାୟ**

**ସଂପାଦନା :**

**ଡ. ବିଶ୍ୱରଞ୍ଜନ ପଟ୍ଟନାୟକ**

କୃଷିବିଜ୍ଞାନ କେନ୍ଦ୍ର, ସୋନପୁର
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

ମୁଖ୍ୟ ସମ୍ପାଦକ : ଡ. ବିଶ୍ୱରଞ୍ଜନ ପଟ୍ଟନାୟକ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ଲେଖକ : ଶ୍ରୀମତୀ ସୁପ୍ରଭା ସେଠୀ
ବୈଜ୍ଞାନିକ (କୃଷି ସମ୍ପ୍ରସାରଣ)

ବିଷୟ ବସ୍ତୁ : ଶ୍ରୀ ତ୍ରିନାଥ ଖଣ୍ଡାଇତରାୟ
ଡଃ ସତ୍ୟବ୍ରତ ମଙ୍ଗରାଜ
ଶ୍ରୀମତୀ ପ୍ରିୟମ୍ୱଦା ଲୋପାମୁଦ୍ରା ରାୟ

ଓ.ୟୁ.ଏ.ଟି ପବ୍ଲିକେଶନ ନଂ : ୨୦୨୪୦୩୦୧୯୪
2024030194

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ପ୍ରକାଶ କାଳ : ମାର୍ଚ୍ଚ -୨୦୨୪

# କୃଷି କ୍ଷେତ୍ରରେ ଦେଶୀୟ ଜ୍ଞାନକୌଶଳର ବ୍ୟବହାର

## ଧାନ ଚାଷ

**୧. ଧାନରେ ପତ୍ରମୋଡ଼ା ରୋଗର ନିୟନ୍ତ୍ରଣ :**

୧୦ ଲିଟର ସାଧା ପାଣିରେ ୧ କେଜି ପାଉଁଶକୁ ମିଶାଇ ଧାନଗଛରେ ପ୍ରୟୋଗ କଲେ ଧାନର ପତ୍ରମୋଡ଼ା ପୋକ ନିୟନ୍ତ୍ରଣ କରାଯାଇପାରିବ ।

**୨. ପାଚିଲା ଧାନ କିଆରୀର ସୁରକ୍ଷା :**

ଧାନ କିଆରୀରେ ଅନ୍ୟ ମୂଷାମାନଙ୍କୁ ଘଉଡ଼ାଇବା ପାଇଁ ୧ ବା ୨ଟି ମୂଷାଙ୍କୁ କିଆରୀରୁ ଯନ୍ତାରେ ଧରି ତାକୁ ରଙ୍ଗ ଦେଇ ଛାଡ଼ିଦେଲେ ଅନ୍ୟ ମୂଷାମାନେ ତାକୁ ଦେଖି ଭୟରେ ପଳାଇଥାନ୍ତି ଓ କିଆରୀର ପାଖ ମାଡ଼ନ୍ତି ନାହିଁ ।

**୩. ଧାନବିଲରେ ମୂଷା ନିୟନ୍ତ୍ରଣ :**

ଧାନଗଛର ଫୁଲ ଧରିବା ସମୟରେ ସାଇକସ୍ ଫୁଲକୁ ରଖିଲେ ମୂଷା ପଳାୟନ କରନ୍ତି ।

**୪. ଧାନର କାହାଳିଆ ପୋକର ନିୟନ୍ତ୍ରଣ :**

କିଆରୀର ପାଣି ନିଷ୍କାସନ ବାଟରେ, ଆଞ୍ଜୁଳାଏ ଲେଖାଏଁ ସୁଆଁ ପ୍ରୟୋଗ କଲେ, ପୋକ ଶ୍ୱାସରୁଦ୍ଧ ହୋଇ ମରିଯିବେ ।

**୫. ଧାନର ଗନ୍ଧିପୋକ ନିୟନ୍ତ୍ରଣ :**

କିଛି ସଂଖ୍ୟାରେ ଗେଣ୍ଡା ମାରି ତାକୁ ଗୁଣ୍ଡ କରି ଖରାରେ ଶୁଖାଇବା ଏବଂ ଗୋଟିଏ ପତଳା କନାରେ ବାନ୍ଧି ବାଡ଼ିରେ ଝୁଲାଇଦେଲେ ତା'ର ଗନ୍ଧରେ ଗନ୍ଧିପୋକ ଚାଲିଯିବେ ।

**୬. ଧାନରେ ମହିଷା ରୋଗର ନିୟନ୍ତ୍ରଣ :**

ପ୍ରସପିସ୍ ପତ୍ରର ରସ ପ୍ରତି ୨୦ କେଜି ସହ ୨୦୦ ଲିଟର ଜଳର ବ୍ୟବହାର କଲେ ରୋଗ ନିୟନ୍ତ୍ରଣ କରିହେବ ।

**୭. ଧାନର ପତ୍ରପୋଡ଼ା ଓ କାଣ୍ଡବିନ୍ଧା ନିରାକରଣ :**

୧ ଲିଟର କିରୋସିନ୍‌କୁ ସାବୁନ ମିଶ୍ରିତ ପାଣିରେ ମିଶାଇ ୧ ହେକ୍ଟର ଧାନ ଜମିରେ ସିଞ୍ଚନ କଲେ, ଧାନର ପତ୍ରମୋଡ଼ା ଓ କାଣ୍ଡବିନ୍ଧା ରୋଗ ନିରାକରଣ ହୋଇଥାଏ ।

**୮. ଉତ୍ତମ ଅଙ୍କୁରୋଦ୍‌ଗମ ନିମନ୍ତେ ଧାନରେ ଭାଙ୍ଗର ବ୍ୟବହାର :**

ଭାଙ୍ଗର ସବୁଜ ପତ୍ରକୁ ଭଲ ଭାବେ ଘୋରି ଏହାର ରସ ବାହାର କରାଯାଏ । ଅନ୍ୟ ଏକ ପାତ୍ରରେ ପାଣି ନେଇ ସେଥିରେ ଧାନମଞ୍ଜି ଓ ୨୫୦ ମି.ଲି. ରସ ମିଶାଯାଏ । ଏହାଦ୍ୱାରା ଧାନର ଉତ୍ତମ ଅଙ୍କୁରୋଦ୍‌ଗମ ହୋଇଥାଏ ।

**୯. ଧାନର ବାଲୁଙ୍ଗା ନିୟନ୍ତ୍ରଣ :**

ଦେବଦାରୁ ଗଛର ଡାଳ ଓ ପତ୍ରକୁ ଧାନକିଆରୀ ସାରା ସମାନ ଭାବେ ପକାଇଲେ ବାଲୁଙ୍ଗାମାନେ ଦେବଦାରୁ ସଂସ୍ପର୍ଶରେ ଆସି ସେଥିରେ ଥିବା ତୈଳ ତୃଣଘାତକ ରୂପେ କାମ କରି ବାଲୁଙ୍ଗାମାନଙ୍କୁ ନଷ୍ଟ କରିଦେଇଥାନ୍ତି ।

**୧୦. ଫସଲରେ ଝିଣ୍ଟିକା ନିୟନ୍ତ୍ରଣ :**

ଜୋର୍‌ରେ ଢୋଲ ବଜାଇଲେ ଝିଣ୍ଟିକାମାନେ ପଳାଇ ଯାଇଥାନ୍ତି ।

**୧୧. ଧାନର ସଂରକ୍ଷଣରେ ମହୁଲର ବ୍ୟବହାର :**

ମହୁଲର ମଞ୍ଜି ଆବରଣକୁ ୧୦-୧୫ କେଜି ଧାନ ସାଙ୍ଗରେ ମିଶାଇ ରଖିଲେ କୀଟପତଙ୍ଗ ଆସନ୍ତି ନାହିଁ ।

**୧୨. ଶସ୍ୟରେ ସୂତ୍ରକୃମିର ଦମନ :**

୧୦୦ କେଜି କରଞ୍ଜ ପିଡ଼ିଆକୁ ୧ ଏକର ଜମିରେ ପକାଇଲେ ସୂତ୍ରକୃମିର ଦମନ ହୋଇଥାଏ ।

**୧୩. ଶସ୍ୟ ସଂରକ୍ଷଣରେ ମେଥିର ବ୍ୟବହାର :**

ଶସ୍ୟକୁ ଅଧିକ ସମୟ ପର୍ଯ୍ୟନ୍ତ ସଂରକ୍ଷଣ କରିବା ଏକ ସମସ୍ୟା ଅଟେ । ଶସ୍ୟକୁ ଏକ ପାତ୍ରରେ ରଖାଯାଏ ଏବଂ ୫-୧୦ ଶୁଖିଲା ମେଥିପତ୍ରକୁ ଉଡଳର

ବିଭିନ୍ନ ସ୍ତରରେ ଦିଆଯାଇଥାଏ । ପାତ୍ରର ଉପରି ଭାଗକୁ ଭଲ ଭାବରେ ଘୋଡ଼ାଇ ଦିଆଯାଏ ।

**୧୪. ଶସ୍ୟରେ ବଣୁଆ ଘୁଷୁରୀର ଉପଦ୍ରବ ନିରାକରଣ :**

ଶସ୍ୟରେ ବଣୁଆ ଘୁଷୁରୀର ଉପଦ୍ରବରୁ ରକ୍ଷା କରିବା ପାଇଁ କିଆରୀର ଚାରିପଟେ ଲାଲ୍ ଓ ଧଳା ରଙ୍ଗର କନା ବାନ୍ଧି ଦିଆଯାଏ । ଗୋଟିଏ ହଳ ମଇଁଷିକୁ ବେକରେ ଘଣ୍ଟି ବାନ୍ଧି ସନ୍ଧ୍ୟା ସମୟରେ କିଆରି ପାଖରେ ରଖିଲେ ଘଣ୍ଟିର ଶବ୍ଦରେ ବଣୁଆ ଘୁଷୁରୀମାନେ କିଆରୀ ପାଖକୁ ଆସନ୍ତି ନାହିଁ ।

**୧୫. ସିମେଣ୍ଟ ଦ୍ୱାରା ମୂଷା ଦମନ :**

ମକା ଗୁଣ୍ଡରେ କିଛି ପରିମାଣରେ ଚିନି ଓ ସିମେଣ୍ଟ ଗୋଳାଇ ମୂଷା ଗାତ ପାଖରେ ଥୋପ ପ୍ରସ୍ତୁତ କରି ଦିଆଯାଏ । ଏହି ଥୋପ ଖାଇସାରି ମୂଷା ପାଣି ପିଇଲେ ତା' ପାକସ୍ଥଳୀରେ ସିମେଣ୍ଟ ଟାଣ ହୋଇଯାଇ ମୂଷା ମରିଯାଆନ୍ତି ।

**୧୬. ହଳଦୀ ଗୁଣ୍ଡ ମିଶାଇ ଚାଉଳ ସାଇତା :**

୧ କ୍ୱିଣ୍ଟାଲ ଚାଉଳରେ ୫୦୦ ଗ୍ରାମ୍ ହଳଦୀ ଗୁଣ୍ଡକୁ ମିଶାଇ ସାଇତି ରଖିଲେ ସାଇତା ଚାଉଳକୁ ପୋକ ସଂକ୍ରମଣ କରିନଥାଏ ।

**୧୭. ଶୁଖିଲା ନାଗୁଆରୀ ପତ୍ର ଦ୍ୱାରା ସାଇତା ଶସ୍ୟ ସଂରକ୍ଷଣ :**

୧୦୦ କେଜି ଧାନରେ ୧ କେଜି ଶୁଖିଲା ନାଗୁଆରୀ ପତ୍ର ମିଶାଇ ଆବଦ୍ଧ ସ୍ଥାନରେ ବା ପାତ୍ରରେ ରଖିଲେ କୀଟ ସଂକ୍ରମଣ ହୋଇନଥାଏ ।

**୧୮. ଖାଲ ଜମିରେ ଧାନଗଛ ପଡ଼ିଯାଇଥିଲେ :**

ଖାଲଜମିରେ ଧାନଗଛ ଶୋଇପଡୁଥିଲେ ରୋଇବାର ୨ ମାସ ପରେ ଉପର ପତ୍ରକୁ ଦାଆ ସାହାଯ୍ୟରେ କାଟିଦେଲେ ଲଦି ହୁଏ ନାହିଁ ।

# ପନିପରିବା

**୧. ଲଙ୍କାରେ ଝାଉଁଳା ନିରାକରଣ ପାଇଁ ମିଶ୍ରିତ ଫସଲ ଚାଷ :**

ମିଶ୍ରିତ ଚାଷ କଲେ ଲଙ୍କାରେ ଝାଉଁଳା ରୋଗ ନିରାକରଣ କରାଯାଇପାରିବ । ଧନିଆ ଓ ରସୁଣ ହିଡ଼ରେ ଲଗାଇଲେ ତା'ର ବାସ୍ନାରେ କୀଟ ସଂକ୍ରମଣ ହୋଇନଥାଏ ।

**୨. ଲଙ୍କାଗଛର ଫୁଲ ଝଡ଼ିବା ରୋକିବା ପାଇଁ ଜଡ଼ାର ବ୍ୟବହାର :**

ଖରାଦିନେ ଲଙ୍କାରେ ଫୁଲ ଝଡ଼ିବା ରୋକିବା ପାଇଁ ଲଙ୍କା ସହ ଜଡ଼ାକୁ ଲଗାଇବା ଆବଶ୍ୟକ ।

**୩. ଦୁଦୁରା ପତ୍ର ଓ କାଣ୍ଡ ବ୍ୟବହାର ଦ୍ୱାରା କାଣ୍ଡବିନ୍ଧା ନିରାକରଣ:**

ଦୁଦୁରା ଗଛର କାଣ୍ଡ ଓ ପତ୍ରକୁ ଖଣ୍ଡ ଖଣ୍ଡ କାଟି ଜମିରେ ଖେଳେଇ ପକାଇ କିଆରୀରେ ପାଣି ବାନ୍ଧି ରଖିଲେ ଏହି କାଣ୍ଡ ଓ ପତ୍ର ପଚିଯାଇ ମିଶିଯାଏ । ଏହାର ଗନ୍ଧରେ କାଣ୍ଡବିନ୍ଧା ପୋକ ପଳାଇ ଯାଆନ୍ତି ।

**୪. ମହୁ ସିଞ୍ଚନରୁ ଅଧିକ ଜହ୍ନି ମିଳେ :**

୧୦ ଲିଟର ପାଣିରେ ୧୦୦ ମି.ଲି. ମହୁ ମିଶାଇ ଫସଲରେ ସନ୍ଧ୍ୟା ସମୟରେ ସିଞ୍ଚନ କଲେ ଏହାର ବାସ୍ନାରେ ମହୁମାଛି ଓ କୀଟମାନେ ଆକର୍ଷିତ ହୁଅନ୍ତି ଓ ଅଧିକ ପରାମଗଣ ହୋଇ ଫଳ ଧାରଣର ମାତ୍ରା ବଢ଼ିଥାଏ ।

**୫. କଦଳୀ ଗଛର ପୁଆ ନିୟନ୍ତ୍ରଣ :**

କିରୋସିନି ତେଲ ବ୍ୟବହାର କଲେ ଅଦରକାରୀ ପୁଆ ନିୟନ୍ତ୍ରଣ କରାଯାଇପାରିବ ।

**୬. ଫୁଲ ଓ ବନ୍ଧାକୋବିର ପତ୍ରଖିଆ ପୋକ ଦମନ :**

ନିମ୍ବପତ୍ର ଛେଚି ତା'ର ରସକୁ ଫୁଲ ଓ ବନ୍ଧାକୋବିର ପତ୍ରଖିଆ ପୋକ ଆକ୍ରମଣ ଆରମ୍ଭ କରିବା ମାତ୍ରେ ସ୍ପ୍ରେ କଲେ ଏହି ପୋକମାନଙ୍କୁ ଦମନ କରାଯାଇପାରିବ ।

### ୭. ପନିପରିବାରେ ପତ୍ରମୋଡ଼ା ନିରାକରଣ :

ନଭେମ୍ବର ଓ ଡିସେମ୍ବର ଅତ୍ୟଧିକ ଥଣ୍ଡାରୁ ପତ୍ରମୋଡ଼ା ହୋଇଥାଏ । ସ୍ପ୍ରେୟର ସାହାଯ୍ୟରେ ସଜ ଛେଳିକ୍ଷୀର ସିଞ୍ଚନ କଲେ ଫୁଲଝଡ଼ା ଓ ପତ୍ରମୋଡ଼ା ନିରାକରଣ ୧ ସପ୍ତାହ ମଧ୍ୟରେ କରାଯାଇପାରିବ ।

### ୮. ପନିପରିବାର ଫୁଲ ଝଡ଼ିବା ନିରାକରଣ :

୨ କେଜି ନିମ୍ବ ମଞ୍ଜିକୁ ଭଲ କରି ଗୁଣ୍ଡ କରି ରାତିସାରା ପାଣିରେ ବତୁରାଇ କପଡ଼ା ଦ୍ୱାରା ଛାଣି ୧୦ କେଜି ସଜ ଗୋବର ଓ ଆବଶ୍ୟକ ପରିମାଣର ପାଣି ମିଶାଇ ୧ ଏକର ଜମିରେ ସ୍ପ୍ରେ କଲେ ଫୁଲଝଡ଼ା ବନ୍ଦ ହୋଇଥାଏ ।

### ୯. ଦେଶୀ ଆଳୁ ଓ ଓଲୁଅ ଭଲ ଗଜା ହେବାପାଇଁ :

୧୫୦ ରୁ ୨୦୦ ଗ୍ରାମ୍ ହୋଇଥିବା ଓଲୁଅ ବିହନ ଖଣ୍ଡକୁ ସଜ ଗୋବର ରସରେ ଗୋଳାଇ ବାଲିରେ ସନ୍ଦେଇଲେ ଭଲ ଗଜା ବାହାରିଥାଏ । ୫-୬ ଦିନରେ ଗଜା ହୁଏ ଓ ୧୦୦% ଭାଗ ଅଙ୍କୁରୋଦ୍‌ଗମ ହୋଇଥାଏ ।

### ୧୦. କୋଚିଲା ପତ୍ର, ମଞ୍ଜି ଓ ଗୋବର ଖତ ଦ୍ୱାରା ବାଇଗଣର କାଣ୍ଡ ଓ ଫଳବିନ୍ଧା ପୋକର ନିରାକରଣ :

ଗୋଟିଏ ୧୦ ଫୁଟ ୩ ଫୁଟ × ୩ ଫୁଟ କମ୍ପୋଷ୍ଟ ପିଟରେ ୧୦ କେଜି କୋଚିଲା ମଞ୍ଜି ଗୁଣ୍ଡ ଓ ପତ୍ର ଢାଳି ମାଟି ଘୋଡ଼ାଇ ଦିଆଯାଏ । ୨ ମାସ ପରେ ଏହି କମ୍ପୋଷ୍ଟ ପ୍ରସ୍ତୁତ ହୁଏ । ଏଥିରୁ ୫ ଗ୍ରାମ୍ ନେଇ ଗଛ ଲଗାଇବା ବେଳେ ଥରେ ଓ ୪୫ ଦିନ ପରେ ମୂଳରେ ଦେଲେ ଏହା ଗନ୍ଧରେ ବାଇଗଣର ଫଳ ଓ କାଣ୍ଡବିନ୍ଧା ପୋକ ଲାଗିନଥାନ୍ତି ।

### ୧୧. କାଗଜିଲେମ୍ବୁ ଗଛରେ ଅଧିକ ଅମଳ :

କାଗଜିଲେମ୍ବୁ ଗଛ ମୂଳରେ ମାଛର କାତି ସବୁ ପକାଇଲେ ସେ ଅଧିକ ପଟାସ୍ ପାଇଥାଏ । ଫଳରେ ଅଧିକ ଅମଳ ହୋଇଥାଏ । ଏହି ପଟାସ୍ ଗଛକୁ ଧୀରେ ଧୀରେ ବହୁତ ବର୍ଷ ପର୍ଯ୍ୟନ୍ତ ମିଳିଥାଏ ।

**୧୨. ଅମୃତଭଣ୍ଡା ଗଛରେ ଅଧିକ ଅମଳ :**

ପ୍ରଥମ ଟ୍ରାନ୍ସପ୍ଲାଣ୍ଟିଙ୍ଗ୍‌ର ୧୫ ଦିନ ପରେ ସେହି ଗଛକୁ ଉଠାଇ ନେଇ ଆଉ ଗୋଟିଏ ଜାଗାରେ ଲଗାଇଲେ ଉଚ୍ଚତା କମିବା ସାଙ୍ଗକୁ ଅଧିକ ଫଳ ହୋଇଥାଏ ।

**୧୩. କଖାରୁ ଗଛରେ ଅଧିକ ଅମଳ :**

କଖାରୁ ଗଛର କାଣ୍ଡକୁ ଚିରି ସେଥିରେ ଗୋଟିଏ ସୋରିଷ ବା କିଛି ଅଫିମ ପୁରାଇ ବାନ୍ଧିଦେଲେ କଖାରୁଗଛ ବଡ଼ ହୁଏ ଓ କଖାରୁ ମଧ ଅଧିକ ହୋଇଥାଏ ।

**୧୪. ଅମୃତଭଣ୍ଡା ଗଛରେ କେବଳ ଅଣ୍ଡିରା ଫୁଲ ହେଉଥିଲେ :**

ଅମୃତଭଣ୍ଡା କାଣ୍ଡରେ ଗୋଟିଏ କାଠକିଲା କରି ମାରିଦେଲେ ସେହି ଗଛରେ ମାଈ ଫୁଲ ହୁଏ ।

**୧୫. ପାଳଙ୍ଗ ଶାଗରେ ନାଲି ପିମ୍ପୁଡ଼ି ନିୟନ୍ତ୍ରଣ :**

ହଳଦୀଗୁଣ୍ଡକୁ ପାଳଙ୍ଗ ଶାଗରେ ଛିଞ୍ଚିଲେ ନାଲି ପିମ୍ପୁଡ଼ି ପଳେଇଥାନ୍ତି ।

**୧୬. ବାଇଗଣ ଫସଲରେ କାୟେଡ଼ିଆ ପୋକର ଦମନ :**

ନିମ୍ବ କିମ୍ବା ଧୂଆଁପତ୍ର ଆଧାରିତ ବିଷ ପ୍ରୟୋଗ କଲେ ଭୃଙ୍ଗ ବା ପୂର୍ଣ୍ଣାଙ୍ଗ ପ୍ରାପ୍ତ ପୋକ ଫସଲକୁ ଆକ୍ରମଣ କରନ୍ତି ନାହିଁ ।

**୧୭. ଲେମ୍ବୁର ଅଧିକ ଅମଳ ନିମନ୍ତେ :**

ଲେମ୍ବୁରସକୁ ଲେମ୍ବୁ ଗଛରେ ଛିଞ୍ଚିଲେ ଲେମ୍ବୁର ଅଧିକ ଅମଳ ହୁଏ ।

**୧୮. କଖାରୁ ସାଇତା ନିମନ୍ତେ :**

କଖାରୁକୁ ସାଇତି ରଖିବା ନିମନ୍ତେ ଗୋବରକୁ ବ୍ୟବହାର କରାଯାଏ ।

**୧୯. ଅଦାର ଉଇ ଓ ଝାଉଁଳା ରୋଗ ନିମନ୍ତେ :**

ଅଦାର ଉଇ ଓ ଝାଉଁଳା ରୋଗର ନିରାକରଣ ନିମନ୍ତେ ଗାଈର ଗୋବର ବ୍ୟବହାର କରାଯାଏ ।

**୨୦. ପନିପରିବାର ମଞ୍ଜି ସଂରକ୍ଷଣ ସମୟରେ ରୋଗପୋକ ନିୟନ୍ତ୍ରଣ :**

କୁକୁରବିଟ୍, ବିଲାତି ଓ ବାଇଗଣ ମଞ୍ଜିକୁ ଅଧିକ ଦିନ ପର୍ଯ୍ୟନ୍ତ ସାଇତି ରଖିବା ପାଇଁ ମଞ୍ଜିକୁ ନଡ଼ିଆ କତା ଗୁଣ୍ଡ ଓ କାଠ ପାଉଁଶ ସହିତ ମିଶାଇ ରଖାଯାଏ ।

**୨୧. ଟମାଟୋର ଝାଉଁଳା ରୋଗର ନିରାକରଣ :**

୧ ଗ୍ରାମ ହେଙ୍ଗୁ + ୧୦ ଗ୍ରାମ୍ ହଳଦୀଗୁଣ୍ଡ + ୧୦ ଲିଟର ପାଣି ମିଶାଇ ମିଶ୍ରଣରେ ଟମାଟୋ ଗଛର ଚେରାକୁ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖିଲେ ଝାଉଁଳା ରୋଗର ନିୟନ୍ତ୍ରଣ ହୋଇଥାଏ ।

**୨୨. କୁକୁରବିଟ୍‌ରେ ଫଳ ଧରିବା ପରେ ସୁନା ବୁଡ଼ା ପାଣିର ପ୍ରୟୋଗ:**

କୁକୁରବିଟ୍‌ରେ ଫଳ ଧରିବା ପରେ ସୁନା ବୁଡ଼ା ପାଣିର ପ୍ରୟୋଗ କରାଯାଇଥାଏ ।

**୨୩. ରସୁଣର ଉତ୍ତମ ସଂରକ୍ଷଣ :**

ଘରୋଇ ବ୍ୟବହାର ପାଇଁ ରସୁଣକୁ ତାଜା ଓ ସୁରକ୍ଷିତ ରଖିବା ପାଇଁ ମାଟି ପାତ୍ରରେ ସାଇତି ରଖାଯାଇଥାଏ ଓ ପାତ୍ର ଉପରେ କନା ଢଙ୍କା ଯାଇଥାଏ ।

**୨୪. ଅଧିକ ପନିପରିବା ନିମନ୍ତେ ଭିନେଗାରର ବ୍ୟବହାର :**

ପନିପରିବା ଯଥା- କାକୁଡ଼ି ଓ କ୍ୟାପ୍‌ସିକମ୍ ଇତ୍ୟାଦିରେ ପ୍ରାୟତଃ ୧୫ ପ୍ରତିଶତ ଅମଳ ବୃଦ୍ଧି ନିମନ୍ତେ ଭିନେଗାର ଓ ପାଣି ୦.୫ ଲିଟର, ୫୦ ଲି. ଅନୁପାତରେ ମିଶାଇ ସିଞ୍ଚନ କରାଯାଇଥାଏ ।

**୨୫. ପନିପରିବା ଚାଷରେ ଅନାବନା ଘାସ ନିୟନ୍ତ୍ରଣ ପାଇଁ ସାଧାରଣ ଲୁଣର ବ୍ୟବହାର :**

୧ କେଜି ସାଧାରଣ ଲୁଣକୁ ୧୦ ଲିଟର ପାଣିରେ ବତୁରାଇ ପନିପରିବା କ୍ଷେତରେ ସ୍ପ୍ରେ କରାଗଲେ ଅନାବନା ଘାସ ନିୟନ୍ତ୍ରଣ ହୋଇଥାଏ ।

# ଅନ୍ୟାନ୍ୟ

**୧. ବିହନ ବିଶୋଧନ ଦ୍ୱାରା ଉଇ ନିରାକରଣ :**

ଗହମ ବିହନ ଲଗାଇବା ପୂର୍ବରୁ ଗୋମୂତ୍ରରେ ଗୋଳାଇ ଛାଇରେ ଶୁଖାଇ ଲଗାଇଲେ ବିହନ ଗଜା ହେବା ସମୟରେ ଉଇ ଲାଗିନଥାଏ ।

**୨. ଭଲ ଗଜା ପାଇଁ ସୂର୍ଯ୍ୟମୁଖୀର ଟାଣ ମଞ୍ଜିକୁ ନରମ କରିବା:**

ସୂର୍ଯ୍ୟମୁଖୀର ମଞ୍ଜି ଟାଣ ହୋଇଥିବାରୁ ଏହାକୁ ଖଟା ଦହି ବା ଚହ୍ଲରେ ବତୁରାଇ ରଖିଲେ ଏହାର ଚୋପା ନରମ ହୋଇ ଭଲ ଗଜା ହୁଏ ।

**୩. କ୍ଷେତରେ ସୋରିଷ ମଞ୍ଜିର ସମାନ ଭାବେ ବିଞ୍ଚନ :**

ସୋରିଷ ମଞ୍ଜିକୁ ବାଲି ସହିତ ମିଶାଇ ବୁଣିଲେ ଏହା ସମାନ ଭାବେ ପଡ଼ିଥାଏ ।

**୪. ଆଖୁ ଗଜା ହେବା ପାଇଁ :**

ଆଖୁ ଫସଲ ପାଇଁ ଉଦ୍ଦିଷ୍ଟ ଉଚ୍ଚ ଜମିରେ ଅକ୍ଟୋବରରୁ ଡିସେମ୍ବର ମାସରେ ସବୁଦିନ ସକାଳେ ହଳ କରି ମଇ ଦେଲେ ଓ ଜାନୁୟାରୀ ଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସବୁ ସନ୍ଧ୍ୟାରେ ସେପରି କଲେ ମାଟି ଭଲ ଗୁଣ୍ଡ ହୁଏ ଓ କାକର ସଂରକ୍ଷଣ ହୋଇ ଜମିରେ ପାଗ ରହେ । ଏହାଦ୍ୱାରା ଆଖୁ ଭଲ ଗଜା ହୁଏ ।

**୫. ନିମ୍ବ ମଞ୍ଜି ରସ ଦ୍ୱାରା ବୁଟ ବିନ୍ଧା ପୋକର ନିରାକରଣ :**

୫ କେଜି ନିମ୍ବ ମଞ୍ଜିକୁ ଗୁଣ୍ଡ କରି ୧୦ ଲିଟର ପାଣିରେ ରାତିସାରା ବତୁରାଇ ୯୦ ଲିଟର ପାଣି ମିଶାଇ ଶତକଡ଼ା ୫ ଭାଗ ନିମ୍ବମଞ୍ଜି ରସ ପ୍ରସ୍ତୁତ କରି ଏଥିରେ ୨୦୦ ଗ୍ରା. ଲୁଗାସଫା ସାବୁନ ଗୁଣ୍ଡ ମିଶାଇ ଫସଲରେ ସ୍ପ୍ରେ କଲେ କୀଟ ନିୟନ୍ତ୍ରଣ ହୋଇଥାଏ ।

**୬. କରଞ୍ଜ ବ୍ୟବହାର ଦ୍ୱାରା ବୁଟରେ ସମ୍ବାଲୁଆ ଦମନ :**

୧ କେଜି କରଞ୍ଜ ପତ୍ରକୁ ୫ ଲିଟର ପାଣିରେ ମିଶାଇ ଗରମ ପାଣିରେ ଅଧଘଣ୍ଟା ଫୁଟାଇଲା ପରେ ଏହାର ରସକୁ ଛାଣି ସେଥିରେ ୧୫ ଲିଟର ପାଣି ମିଶାଇ ସ୍ପ୍ରେ କଲେ ବୁଟ ଫସଲରେ ସମ୍ବାଲୁଆ ଦମନ ହୋଇଥାଏ ।

**୭. କିରୋସିନି ଦ୍ୱାରା ବୁଟ ଫସଲର ଝାଉଁଳା ଦମନ :**

ବୁଣିବା ପୂର୍ବରୁ କିଛି ସମୟ ବୁଟ ମଞ୍ଜିକୁ କିରୋସିନିରେ ଗୋଳାଇ ଲଗାଇଲେ ଝାଉଁଳା ହୋଇନଥାଏ ଓ ଭଲ ଗଜା ହୋଇଥାଏ ।

**୮. ଆମ୍ବ ବଉଳ ଝଡ଼ିବା ରୋକିବା ପାଇଁ ଘୋଳଦହି ଓ ଲୁଣ ପ୍ରସ୍ତୁତି:**

ବଉଳ ଆସିଲେ ଆମ୍ବଗଛ ମୂଳରୁ ୧ ଫୁଟ ଛାଡ଼ି ଗୋଳେଇ କରି ଗାତ ବା ନାଳୀ ଖୋଳାଯାଏ । ଏହି ନାଳୀରେ ୩୦ ଭାଗ ଦହି ସହ ୧ ଭାଗ ଲୁଣ ମିଶାଇ ଢାଳି ଦିଆଯାଏ । ଏହି ଉପାୟ ଦ୍ୱାରା ଗଛରୁ ଫୁଲ ଝଡ଼ିନଥାଏ ।

**୯. ଚିନାବାଦାମରେ ନାଲି ଲୋମଶ ସଂବାଳୁଆ ନିରାକରଣ :**

ଚିନାବାଦାମ ସହ ବରଗୁଡ଼ିକୁ (୨୦:୧) ଅନୁପାତରେ ମିଶ୍ରିତ ଫସଲ ଭାବେ ଲଗାଇଲେ ନାଲି ଲୋମଶ ସଂବାଳୁଆମାନେ ବରଗୁଡ଼ି ପ୍ରତି ଆକର୍ଷିତ ହୋଇ କେବଳ ତାକୁ ନଷ୍ଟ କରନ୍ତି । ଫଳତଃ ମୁଖ୍ୟ ଫସଲ ଭାବରେ ଚିନାବାଦାମକୁ କ୍ଷତି କରିନଥାନ୍ତି ।

**୧୦. ଚିନାବାଦାମ ପାଇଁ ଯନ୍ତା ଫସଲ ଭାବେ ଗେଣ୍ଡୁ ଚାଷ :**

ଚିନାବାଦାମରେ ଅନ୍ତଃ ଫସଲ ଭାବେ ଗେଣ୍ଡୁ ଲଗାଇଲେ ପତ୍ରକଟା ସଂବାଳୁଆମାନେ ଗେଣ୍ଡୁଫୁଲରେ ଅଣ୍ଡା ଦେଇଥାନ୍ତି । ତେଣୁ କେବଳ ଗେଣ୍ଡୁ ଫସଲରେ ସ୍ପ୍ରେ କରି ମୁଖ୍ୟ ଫସଲକୁ ନିୟନ୍ତ୍ରଣ କରାଯାଇପାରିବ ।

**୧୧. ନଡ଼ିଆର ଗେଣ୍ଡାପୋକ ନିୟନ୍ତ୍ରଣ :**

୨୫୦ ଗ୍ରାମ ବାଲି ସହ ୧୦୦ ନିମ୍ବ ମଞ୍ଜି ଗୁଣ୍ଡ ମିଶାଇ ପତ୍ର ତଳ ଭାଗରେ ଦେଲେ ଏହା ଗେଣ୍ଡା ପୋକର ବେକ ବା ଗ୍ରୀବାଂଶରେ ପଶି ଏହାକୁ ନଷ୍ଟ କରିଥାଏ ।

**୧୨. ସୋରିଷ ଗଛରେ ଜଉପୋକ ନିୟନ୍ତ୍ରଣ :**

ନିମ୍ବପତ୍ର ଓ ଛୋଟ ଡାଳ ନେଇ ତା'ର ପାଉଁଶ ପ୍ରସ୍ତୁତ କରି ତାକୁ ରାସାୟନିକ କୀଟନାଶକ ସହ ମିଶାଇ ସୋରିଷ କିଆରୀରେ ବ୍ୟବହାର କଲେ ଜଉପୋକ ନିୟନ୍ତ୍ରଣ ହୋଇପାରିବ ।

**୧୩. ଆଖୁ ଓ ଚିନାବାଦାମରେ ଧଳାପୋକର ନିୟନ୍ତ୍ରଣ :**

୫ କି.ଗ୍ରା. ଜଡ଼ା ମଞ୍ଜିକୁ ଗୁଣ୍ଡ କରି ୫ ଲିଟର ପାଣିରେ ଦ୍ରବଣ ବନାଇ ୭ ରୁ ୮ ଦିନ ପର୍ଯ୍ୟନ୍ତ ରଖି ଏହି ସଢ଼ା ଦ୍ରବଣକୁ ପ୍ରତି ୨ ଲିଟର ହିସାବରେ ପୋତା ଯାଉଥିବା ପ୍ରତ୍ୟେକ ମାଟିହାଣ୍ଡିରେ ବେକ ପର୍ଯ୍ୟନ୍ତ ପାଣି ଦେଇ ଭର୍ତ୍ତି କରାଯାଏ ।

**୧୪. ଡାଲି ଜାତୀୟ ଗଛରେ ଆଫିଡ୍‌ର ନିୟନ୍ତ୍ରଣ :**

ତମ୍ବାଖୁ ଏବଂ ସାବୁନର ଏକ ମିଶ୍ରଣ ବନାଇ ଡାଲିଜାତୀୟ ଗଛରେ ବ୍ୟବହାର କଲେ ଆଫିଡ୍ ନିୟନ୍ତ୍ରଣ ହୋଇଥାଏ ।

**୧୫. ତୁଳାର ଗଣ୍ଡି ବା ବୋଲ୍ ଖସିପଡ଼ିବା ନିୟନ୍ତ୍ରଣ :**

ଜଡ଼ାତେଲ (୫୦ ମି.ଲି.) ମୂଳର ଅଗ୍ରଭାଗ ବା କାଣ୍ଡରେ ପ୍ରୟୋଗ କଲେ ଏହା ମାଟିର ଉତ୍ତାପ କମାଇଥାଏ । ଫଳରେ ତୁଳାର ଗଣ୍ଡି ବା ବୋଲ ଖସି ନଥାଏ ।

**୧୬. ଜିଆ ଚାଷ :**

ଗୋଟିଏ ଅଖାକୁ ଗାଈ ଖତରେ ବୁଡ଼ାଇ ଗୋଟିଏ ଛାଇ ସ୍ଥାନରେ ୨୪ ଘଣ୍ଟା ପାଇଁ ରଖିବା ।

**୧୭. ପଣସର ଫଳ ଫଳିବାର ଉନ୍ନତି :**

ବୃକ୍ଷମୂଳରୁ ୫ ଫୁଟ ଉପରେ ଏକ ରିଙ୍ଗ୍ ଆକାରରେ ଚେପା ଛଡ଼ାଇ ଗୋବରରେ ଲିପି କୁଟାରେ ବାନ୍ଧିଦେବେ ଏବଂ ତାହା ଉପରେ ଏକ ଅଖା ଢାଙ୍କି, ନିତ୍ୟ ଭାବରେ ପାଣି ଛିଞ୍ଚିବା ଫଳ ସଂଖ୍ୟାରେ ଉନ୍ନତି ଘଟାଇଥାଏ ।

୧୮. କାଗଜି ଲେମ୍ବୁ ଗଛରେ ଅଧିକ ଅମଳ :

ଗଛର ମୂଳରେ ମାଛର କାତି ସବୁ ପକାଇଲେ ସେ ଅଧିକ ପଟାସ୍ ପାଇଥାଏ ।

୧୯. ଚିନାବାଦାମରେ ହେଲିକଭରଣାକୁ ଦମନ କରିବା ନିମନ୍ତେ :

୪୫ ଦିନର ଗେଣ୍ଡୁ ଚାରାକୁ କ୍ଷେତର ଚାରିପାଖେ ରୋପଣ କଲେ ମାଇକୀଟ ଗେଣ୍ଡୁ ଗଛରେ ଅଣ୍ଡା ଦେଇଥାନ୍ତି ଏବଂ ଔଷଧ ସିଞ୍ଚନ କରି ଗେଣ୍ଡୁ ଗଛକୁ ମାରିଦେଲେ ଅଣ୍ଡା ମଧ ମରିଯାନ୍ତି ।

**୨୦. ଡାଳିମ୍ବ ଗଛରେ ଫଳ ନ ଧରିଲେ :**

ଡାଳିମ୍ବ ଗଛର ୨ ଫୁଟ ପରେ ଚେରକୁ ଖୋଳିଲେ ଚେର ଶୁଖିଲା ପରେ ଗୋବର ଖତ ସେହି ଗାତରେ ପକାଇ ପୋତି ଦେଲେ ତା'ପରେ ଡାଳିମ୍ବ ଗଛରେ ଭଲ ଫଳ ଧରେ ।

**୨୧. ଗୁଆଗଛରେ ମୂଳ ପଋର ଦମନ :**

ମୂଳପଋକୁ କମାଇବା ପାଇଁ ଗୁଆଗଛର ଉଦ୍ୟାନରେ ମନ୍ଦାର ଗଛ ସବୁ ଲଗାଇଲେ ତା'ର ଦମନ ହୋଇଥାଏ ।

**୨୨. ସୋଲା ବା ବୁଟ ଫସଲର ଫଳବିନ୍ଧା ନିୟନ୍ତ୍ରଣ :**

ବୁଟ ଫସଲକୁ ଧନିଆ ସହିତ ମିଶ୍ରିତ ଋଷ କଲେ, ବୁଟ ଫସଲରୁ ଫଳବିନ୍ଧା ନିୟନ୍ତ୍ରଣ ହୋଇଥାଏ ।

**୨୩. ଅଦରକାରୀ ଗଛର ବିନାଶ :**

ଅଦରକାରୀ ବଉଳ ଗଛକୁ ମାରିବା ପାଇଁ ତା'ର ମୂଳରେ ଖତ ଗୋବର ଗଦା କରି ରଖିଦେଲେ କିଛିଦିନ ବା ସପ୍ତାହ, ସେହି ଗଛ ମରିଯାଏ । ବଡ଼ ବଡ଼ ଅଦରକାରୀ ଗଛର ବକଳକୁ ଗଛର ନିମ୍ନ ଭାଗରେ ଛଡ଼ାଇଦେଲେ ବା ବାହାର କରିଦେଲେ ସେହି ଗଛର ଖାଦ୍ୟ ପ୍ରସାରଣ ତଳକୁ ହୋଇପାରେ ନାହିଁ ଓ ଗଛ ମରିଯାଏ ।

**୨୪. ଆମ୍ବ ବଉଳ ଆମ୍ବଗଛରୁ ନ ଝଡ଼ିବା ପାଇଁ :**

ଆମ୍ବ ବଉଳ ନ ଝଡ଼ିବା ପାଇଁ ସକାଳୁ ସକାଳୁ ପାଣି ଗଛରେ ସିଞ୍ଚନ କଲେ ଥରେ କିମ୍ବା ୨ ଥର ତେବେ ଫଳପ୍ରଦ ହୋଇଥାଏ ।

**୨୫. କୃମି ନିରାକରଣ :**

ନିମ୍ବପତ୍ର ଓ ପଳାଶ ମଞ୍ଜିକୁ ମିଶାଇ ଦିନରେ ଥରେ ଲେଖାଏଁ ଗାଈ, ଛେଳି, ମେଣ୍ଢାକୁ ଖାଇବାକୁ ଦେଲେ କୃମିମାନେ ଝାଡ଼ାରେ ନିର୍ଗତ ହୋଇଥାନ୍ତି ।

**୨୬. ଜଡ଼ା ଫଓଲରେ ଉଇ ରୋଗର ଦମନ :**

ଉଇର ଦମନ ପାଇଁ କୋଡ଼ାଖୁସା ସମୟରେ ନିମ ବା କରଞ୍ଜିଆ ପିଡ଼ିଆ ପ୍ରୟୋଗ କରନ୍ତୁ ।

**୨୭. ଆକାଶିଆ ମେଜିୟମ୍ ଫସଲରେ କବକଜନିତ ରୋଗର ନିୟନ୍ତ୍ରଣ:**

ଗାଈ ମୂତ୍ରରେ ନିମ୍ବପତ୍ର ରସ ମିଶାଇ ସିଞ୍ଚନ କଲେ କବକ ଜନିତ ରୋଗକୁ ଦମନ କରିହେବ ।

**୨୮. ମୂଷା ଦମନ ନିମନ୍ତେ ଲଙ୍କାଧୂଆଁର ବ୍ୟବହାର :**

ମୁଗ ଓ ବିରି ସାଇତି ରଖିବା ନିମନ୍ତେ ଶୁଖିଲା ଲଙ୍କାର ଧୂଆଁ ଦିଆଯାଏ ଫଳରେ ମୂଷା ଏହାର ପାଖ ମାଡ଼ନ୍ତି ନାହିଁ ।

**୨୯. ଚିନାବାଦାମ ସାଇତିବା ପାଇଁ କର୍ପୂରର ବ୍ୟବହାର :**

କର୍ପୂରକୁ ଚିନାବାଦାମ ସାଇତିବା ପାଇଁ ବ୍ୟବହାର କରାଯାଏ ।

**୩୦. ସୂର୍ଯ୍ୟମୁଖୀର ପକ୍ଷୀ ନିୟନ୍ତ୍ରଣ :**

ସକାଳ ଓ ସନ୍ଧ୍ୟା ସମୟରେ ଟିଣ ବାଡ଼େଇବା ପକ୍ଷୀ ଉଡ଼ିଯାଆନ୍ତି । ୧ ଇଞ୍ଚରୁ ଦେଢ଼ ଇଞ୍ଚ ଚଉଡ଼ା ରଙ୍ଗୀନ ରଶି ବା ଫିତା ବିଲରେ ଟଙ୍ଗାଇଲେ ଏହା ଉପରେ ସୂର୍ଯ୍ୟକିରଣ ପଡ଼ି ଚକ୍ ଚକ୍ ହେଇ ପକ୍ଷୀର ଆଖିରେ ପଡ଼ିଲେ ସେମାନେ ପଳାଇଥାନ୍ତି ।

**୩୧. ମକା ଫସଲରେ ମାଙ୍କଡ଼ର ନିୟନ୍ତ୍ରଣ :**

ଟିଣକୁ ଜୋର୍‌ରେ ବାଡ଼େଇଲେ ମାଙ୍କଡ଼ ପଳାଇଥାନ୍ତି ।

**୩୨. ଚିନାବାଦାମ ଅମଳ ନିମନ୍ତେ ବାଉଁଶର ବ୍ୟବହାର :**

ମୂଲିଆ ନ ମିଳିବା ସମୟରେ ଅମଳ ନିମନ୍ତେ ବାଉଁଶ ବ୍ୟବହାର କରାଯାଏ ।

**୩୩. ଆଖୁର ଉତ୍ପାଦନ ବୃଦ୍ଧି ପାଇଁ :**

ଆଖୁବୃକ୍ଷରେ ନବରାତ୍ରି ସମୟରେ ଜଳସେଚନ କଲେ ଉତ୍ପାଦନ ବଢ଼ିଥାଏ ।

**୩୪. ଡାଲିଜାତୀୟ ଫସଲରେ ଝାଉଁଳା ରୋଗର ନିୟନ୍ତ୍ରଣ :**

ମଞ୍ଜିକୁ ଦହି, ଲହୁଣୀ ଓ କ୍ଷୀରରେ ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ରଖାଯାଏ । ଫଳରେ ଝାଉଁଳା ରୋଗ ଏଡାଯାଇପାରେ ।

**୩୫. ଛତୁର ଅମଳ ବୃଦ୍ଧି ପାଇଁ :**

ଛତୁର ଚାଷରେ ବ୍ୟବହୃତ କୁଟାରେ ଦହି, ଲୁଣ ମିଶାଇ ସିଞ୍ଚନ କଲେ ଛତୁର ଅଧିକ ଅମଳ ହୋଇଥାଏ ।

**୩୬. ହରଡ଼ରେ ଛୁଇଁ ବିନ୍ଧା ପୋକର ନିରାକରଣ :**

ଛୁଇଁ ବିନ୍ଧା ପୋକର ନିରାକରଣ ପାଇଁ ଗୋଟିଏ ପାତ୍ରରେ ରନ୍ଧା ହୋଇଥିବା ଭାତକୁ ଗୋଟିଏ ବାଡ଼ି ସାହାଯ୍ୟରେ ମାଟିରେ ପୋଡ଼ାଯାଇ ରଖାଯାଏ । ଯାହାଦ୍ୱାରା ପକ୍ଷୀମାନେ ଆକୃଷ୍ଟ ହୋଇ ଆସି ଭାତ ଖାଆନ୍ତି ଓ ସେଠାରେ ଲାର୍ଭାମାନଙ୍କୁ ମଧ ଖାଇଯାଆନ୍ତି ।

**୩୭. ଗହମ ବୁଣିବା ସମୟ :**

ତାପମାତ୍ରା ୧୨ ରୁ ୧୪°ସେ. ରେ ଗହମ ବୁଣିବାର ସମୟ ।

**୩୮. କପା ଫସଲରେ କୀଟର ଦମନ ପାଇଁ ଗୁଡ଼ର ବ୍ୟବହାର :**

ଗୁଡ଼ର ଗୁଣ୍ଡ ସବୁକୁ କପା ଗଛର ମୂଳରେ ଦେବା ଦ୍ୱାରା ପିମ୍ପୁଡ଼ିମାନେ ଆକୃଷ୍ଟ ହୋଇ ଖାଇବା ପାଇଁ ଆସିଥାନ୍ତି, ଜଉପୋକକୁ ଖାଇଥାନ୍ତି ।

**୩୯. ନଡ଼ିଆ, ଗୁଆ ଗଛ ଅଧିକ ଅମଳ :**

ନଡ଼ିଆ ଓ ଗୁଆ ଗଛ ମୂଳରେ ଖପରା ଗୁଣ୍ଡ, ହାଡ଼ଗୁଣ୍ଡ ଦିଆଯିବା ଫଳରେ ଅଧିକ ଅମଳ ହୋଇଥାଏ ।

**୪୦. ମୁଗର ବିହନ ସାଇତି ରଖିବା :**

ମୁଗକୁ ସାଇତି ରଖିବା ପାଇଁ ବାଲି ମିଶାଯାଇଥାଏ ।

**୪୧. ଆଖୁ ଫସଲରେ ଜଳସେଚନ ଆବଶ୍ୟକତା :**

ଆଖୁ କିଆରୀରେ ଗୋଟିଏ ବା ୨ଟା କଦଳୀଗଛ ଲଗାଇଲେ କଦଳୀ ଗଛ ଜଳ ଅଭାବରୁ ଶୁଖିଲା ଦିଶିଲେ, ଆଖୁ କିଆରୀରେ ପାଣି ମଡ଼ାଇବାକୁ ପଡ଼ିଥାଏ ।

# ପଶୁପାଳନ

**୧. ପଶୁମାନଙ୍କ ପେଟ ଯନ୍ତ୍ରଣା ରୋଗର ଉପଶମ :**

୨୫୦ ଗ୍ରାମ୍ ଲେମ୍ବୁ ଆଚର ଦିନକୁ ଥରେ ୨ ଦିନ ପାଇଁ ଖାଇବାକୁ ଦେଲେ ପଶୁମାନଙ୍କର ପେଟ ଯନ୍ତ୍ରଣାର ଉପଶମ ହୋଇଥାଏ ।

**୨. ପଶୁମାନଙ୍କର ଜହରବାଦ୍ ରୋଗର ନିୟନ୍ତ୍ରଣ :**

ଅଶ୍ୱଗନ୍ଧା ଛେଲି ୨୫୦ ଗ୍ରାମ୍ ଓ ଶୁଖିଲା ଲଙ୍କା ୨୧ଟା ଅନୁପାତରେ ମିଶାଇ ଛେଚି, ଏହି ଛେଚାକୁ ୫୦୦ ମିଲି ନଖ ଉଷୁମ ପାଣିରେ ପଶୁମାନଙ୍କୁ ଦିନକୁ ୪ ଥର ବାଉଁଶ କାଠିରେ ଖାଇବା ପାଇଁ ୧ ସପ୍ତାହ ଯାଏଁ ଦେଲେ ଏହି ରୋଗ ନିୟନ୍ତ୍ରଣ ହୋଇଥାଏ ।

**୩. ମାଛ ପୋଖରୀରେ ଗୁଣମାନ ବୃଦ୍ଧି :**

କଦଳୀର କାନ୍ଧି ଅମଳ କରିବା ପରେ ଏହାର ଖତକୁ ଲମ୍ବାଳିଆ ଆକାରରେ ଖଣ୍ଡ ଖଣ୍ଡ କରି କାଟି ମାଛ ପୋଖରୀରେ ପକାଇଲେ ଏହା ଅଧିକ ଅମ୍ଳଜାନ ଯୋଗାଇ ମାଛର ମାନ ବୃଦ୍ଧି କରେ ।

**୪. ଗୋରୁଗାଈଙ୍କ ଗୋଡ଼ ଫାଟି ଫାଟୁଆ ରୋଗ :**

ବର୍ଷାଦିନ ଆରମ୍ଭରେ ଥରେ ଓ ଶେଷକୁ ଥରେ ଯଦି ଗୋରୁଗାଈଙ୍କୁ ଦିନକୁ ୨୦ ଓ ୨୫ଟି ଅଶୋକ ପତ୍ର ଖାଇବାକୁ ଦେଲେ ଫାଟୁଆ ରୋଗ ହୋଇନଥାଏ ।

**୫. ପୋଷାଜୀବଙ୍କ କୃମି ନିରାକରଣ :**

କୃମି ଆକ୍ରାନ୍ତ ଜୀବଙ୍କୁ ନିମ୍ବପତ୍ର ଓ ପଳାଶ ମଞ୍ଜି ମିଶାଇ ଦିନରେ ଥରେ ଲେଖାଏଁ ଦେଲେ କୃମିମାନେ ଝାଡ଼ାରେ ନିର୍ଗତ ହୋଇଯାଆନ୍ତି ।

**୬. ଦେଶୀ ଗାଈର କ୍ଷୀର ବୃଦ୍ଧି :**

ସୋରିଷ ପିଡ଼ିଆ, ସୂର୍ଯ୍ୟମୁଖୀ ପିଡ଼ିଆ, ପେଶୀ ପିଡ଼ିଆ, ଲୁଣ ଓ ପାଣି ମିଶାଇ ଏକ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ଏଥିରେ ୨୫୦ ରୁ ୩୦୦ ଗ୍ରାମ୍ ଅନ୍ୟାନ୍ୟ ଖାଦ୍ୟ ସହ ମିଶାଇ ଦିନକୁ ୨ ଥର କରି ମାତ୍ର ୩ ଦିନ ପାଇଁ ଦେଲେ ଗାଈର କ୍ଷୀର ବଢ଼ିଥାଏ ।

This document was created with the Win2PDF "Print to PDF" printer available at

https://www.win2pdf.com

This version of Win2PDF 10 is for evaluation and non-commercial use only.
Visit https://www.win2pdf.com/trial/ for a 30 day trial license.

This page will not be added after purchasing Win2PDF.

https://www.win2pdf.com/purchase/